Tel: 0671 2508100 (O)
2301001 (R)
Fax: 0671 2301103 (R)
E-mail : dm-ctc@nic.in



**Shri Dattatraya Bhausaheb Shinde,** I.A.S.
Collector & District Magistrate
Cuttack, Odisha

# MESSAGE

I am glad to know that SAKHI – One Stop Centre, Cuttack continues to illuminate the path of hope, dignity and justice for women in need. Over the years, the Centre has strengthened its role as a dependable 24 X 7 support system, ensuring that women facing adversity receive timely assistance, care and confidence to rebuild their lives.

SAKHI has evolved into a comprehensive support hub – providing not only shelter and legal aid but also counselling, medical assistance, and rehabilitation services. Its holistic approach reflects a deep commitment to empowering women and safeguarding their rights.

May SAKHI – One Stop Centre continue to touch more lives with compassion and care. I extend my sincere appreciation and congratulations to every member associated with this noble initiative and I wish the Centre another year of impactful service and transformative change.

(Dattatraya Bhausaheb Shinde)

Supported By

**Ministry of Women and Child Development, Government of India**



**Dr. Ipsita Priyadarshini Mishra, OAS**
Additional District Magistrate (Development)
Cuttack, Odisha

It gives me immense pleasure to know that **SAKHI – One Stop Centre**, situated at the Mental Health Institute (CoE), SCB Medical College and Hospital Campus, is going to complete seven years of its dedicated service on 8th March 2026.

I express my sincere gratitude to all the members of SAKHI for their dedicated, committed, and positive contributions towards the upliftment of women, especially those who are in distress. Their compassionate support and tireless efforts have made a meaningful difference in the lives of many survivors.

I wish the organization continued success in its future endeavours and hope it continues to grow from strength to strength in serving women in need.

**Dr. Ipsita Priyadarshini Mishra, OAS**
Additional District Magistrate (Development)
Cuttack

## ସମ୍ପାଦକୀୟ.......



**ଶୁଭଶ୍ରୀ ଦାସ**, ନିର୍ଦ୍ଦେଶିକା
ଇନଷ୍ଟିଚ୍ୟୁଟ୍ ଫର୍ ସୋସିଆଲ ଡେଭଲପ୍‌ମେଣ୍ଟ (ଆଇ.ଏସ୍.ଡି)

# ୭ମ ବର୍ଷରେ 'ସଖୀ' - ୱାନଷ୍ଟପ୍ ସେଣ୍ଟର, କଟକ

୨୦୧୯ ମସିହା ମାର୍ଚ୍ଚ ୮ ତାରିଖ, ଆନ୍ତର୍ଜାତୀୟ ମହିଳା ଦିବସରେ ଆରମ୍ଭ ହୋଇଥିବା ସଖୀ - ୱାନ୍ ଷ୍ଟପ୍ ସେଣ୍ଟର, କଟକ ୭ ବର୍ଷ ପୂରଣ କରିଛି । ଏହି ୭ ବର୍ଷ ମଧ୍ୟରେ ସଖୀ ତରଫରୁ ହିଂସାପୀଡ଼ିତା ମହିଳାମାନଙ୍କୁ ସାହାଯ୍ୟ ଓ ସହଯୋଗ ଦେବାପାଇଁ ଅନେକଗୁଡ଼ିଏ ପଦକ୍ଷେପ ନିଆଯାଇଛି । ଗ୍ରାମସ୍ତରରୁ ସହର ପର୍ଯ୍ୟନ୍ତ ସଚେତନତା ଶିବିରମାନ ଆୟୋଜନ କରାଯାଇ 'ସଖୀ' ସମ୍ବନ୍ଧରେ ଜନସାଧାରଣ ବିଶେଷକରି ମହିଳାମାନଙ୍କୁ ଅବଗତ କରାଯାଉଛି । ବିଗତ ୭ ବର୍ଷ ମଧ୍ୟରେ ମୋଟ ୧୭୭୮ ଜଣ ମହିଳା ଏଠାକୁ ଆସି ନିଜର ଅଭିଯୋଗ ପଞ୍ଜିକରଣ କରିଥିବାବେଳେ ସେଥିମଧ୍ୟରୁ ୯୭୨ ଟି ଅଭିଯୋଗର ପରାମର୍ଶ ମାଧ୍ୟମରେ ସମାଧାନ ହୋଇପାରିଛି । ଏହିସବୁ ସମାଧାନ ହୋଇଥିବା ଅଭିଯୋଗଗୁଡ଼ିକର ପରବର୍ତ୍ତୀ ସମୟରେ ଗୃହପରିଦର୍ଶନ ବା ହୋମ୍‌ଭିଜିଟ୍ ମାଧ୍ୟମରେ ସେମାନେ କିଭଳି ରହୁଛନ୍ତି ତା'ର ତଦାରଖ କରାଯାଉଛି । ଜଣେ ମହିଳା କିମ୍ବା ତାଙ୍କ ସମ୍ପର୍କୀୟ ଚାହିଁଲେ ଟେଲିଫୋନ୍ ମାଧ୍ୟମରେ ବି ପରାମର୍ଶ ନେଇପାରିବେ । ଅଭିଯୋଗଟି ପଞ୍ଜୀକୃତ ହେଲାପରେ 'ସଖୀ' କେନ୍ଦ୍ରର ପରାମର୍ଶଦାତ୍ରୀମାନେ ପୀଡ଼ିତା ମହିଳାଟିକୁ ଠିକ୍ ପରାମର୍ଶ ଦେଇ ତାଙ୍କର ଅଭିଯୋଗଟିର ସମାଧାନ କରିବାପାଇଁ ଚେଷ୍ଟା କରିଥାନ୍ତି । ଯେଉଁଠି ଦରକାର ହୁଏ ସେଠି ସୁରକ୍ଷା ଅଧିକାରୀ, ଶକ୍ତିସଦନ ଗୃହ (ବସୁନ୍ଧରା ଓ ମମତା) ଡାକ୍ତରୀ ଚିକତ୍ସା, ପୋଲିସ୍ ସହାୟତା ଓ ଆଇନ୍‌ଗତ ପରାମର୍ଶ ଯୋଗାଇ ଦିଆଯାଇଥାଏ । କଟକ ବଡ଼ଡାକ୍ତରଖାନା ପରିସରରେ ଅବସ୍ଥିତ ଏହି କେନ୍ଦ୍ରଟି ୨୪ଘଣ୍ଟା ଖୋଲା ରୁହେ । ସେଥିପାଇଁ ଜଣେ ହିଂସା ପୀଡ଼ିତା ମହିଳା ଯେକୌଣସି ସମୟରେ ଆସିଲେ ସେ ସହାୟତା ପାଇପାରିବ । ଗୋଟିଏ ଛାତତଳେ ମହିଳାଟି ସବୁ ପ୍ରକାର ସହାୟତା ପାଉଥିବାରୁ ଏହାକୁ 'ୱାନ୍ ଷ୍ଟପ୍ ସେଣ୍ଟର' ବୋଲି କୁହାଯାଉଛି । କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ସହାୟତାରେ ଆମ ରାଜ୍ୟର ସବୁ ଜିଲ୍ଲାର ମୁଖ୍ୟ ସରକାରୀ ଡାକ୍ତରଖାନାରେ ଏହି କେନ୍ଦ୍ରମାନ ଖୋଲାଯାଇ ୨୪ଘଣ୍ଟିଆ ସେବା ଯୋଗାଇ ଦିଆଯାଉଛି । ଏହି କେନ୍ଦ୍ରରେ ହିଂସା ପୀଡ଼ିତା ମହିଳାମାନଙ୍କୁ ସମସ୍ତ ସେବା ମାଗଣାରେ ଯୋଗାଇ ଦିଆଯାଇଥାଏ ।

ତେବେ ମୁଁ ଏତିକି କହିବି ମହିଳାମାନେ ହିଂସାରୁ ମୁକ୍ତି ପାଇବାକୁ ହେଲେ ସେମାନେ ତାଙ୍କର ଅର୍ଥନୈତିକ ବିକାଶ କରିବା ସହିତ ସଂଗଠିତ ହେବା ନିହାତି ଜରୁରୀ । ସ୍ଥାନୀୟ ମହିଳା ଦଳ, ସ୍ୱୟଂସହାୟକ ଗୋଷ୍ଠୀ, ବାଳିକା-କିଶୋରୀମଣ୍ଡଳ ଇତ୍ୟାଦିରେ ଯୋଗଦେଇ ମହିଳା ହିଂସା ତା'ର ପ୍ରତିକାର ସମ୍ବନ୍ଧୀୟ ବିଷୟରେ ଆଲୋଚନା କରିବା ଦରକାର । ଏହିଭଳି ଆଲୋଚନା ମାଧ୍ୟମରେ ଅନେକ ହିଂସାପୀଡ଼ିତା ମହିଳା ନିଜ କଥା ଖୋଲାଖୋଲିଭାବେ କହିପାରିବେ । ମୁଁ ଆଶା କରୁଛି ପରିବାରର ଗୁରୁତ୍ୱପୂର୍ଣ୍ଣ କାମରେ ମହିଳାମାନଙ୍କର ନିର୍ଣ୍ଣୟ ନେବାର ଯୋଗଦାନ ରହିଲେ ମହିଳାମାନଙ୍କର ସାମଗ୍ରିକ ସ୍ଥିତିରେ ପରିବର୍ତ୍ତନ ଆସିପାରିବ ।

ଏହି କାର୍ଯ୍ୟକ୍ରମକୁ ସଫଳ କରିବାକୁ ହେଲେ ଏଥି ସହିତ ଜଡ଼ୀତ ସମସ୍ତ ଅନୁଷ୍ଠାନ ଯଥା:- ଜିଲ୍ଲା ପ୍ରଶାସନ, ଏସ୍.ସି.ବି. ମେଡିକାଲ, ଜିଲ୍ଲା ଆଇନସେବା ପ୍ରାଧିକରଣ, ଶିଶୁ ସୁରକ୍ଷା ଅଧିକାରୀ, ଜିଲ୍ଲା ଶିଶୁ ମଙ୍ଗଳ କମିଟି, ଶକ୍ତିସଦନ ଗୃହ ଆଦି ଅନେକ କ୍ଷମତାପ୍ରାପ୍ତ କର୍ତ୍ତୃପକ୍ଷମାନଙ୍କର ସହଯୋଗ ରହିବା ନିହାତି ଜରୁରୀ । ଏହି କେନ୍ଦ୍ରକୁ ପରିଚାଳନା କରିବା ପାଇଁ ଆଇ.ଏସ୍.ଡି. କୁ ଦାୟୀତ୍ୱ ଦେଇଥିବାରୁ ମୁଁ ଜିଲ୍ଲାପାଳ, କଟକ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ, ଡିନ୍ ଓ ନିର୍ଦ୍ଦେଶକ ମାନସିକ ସ୍ୱାସ୍ଥ୍ୟ ପ୍ରତିଷ୍ଠାନ ଓ.ଏସ୍.ସି.ବି. ମେଡିକାଲ କଲେଜ ଓ ହସ୍‌ପିଟାଲର କର୍ତ୍ତୃପକ୍ଷଙ୍କୁ ଆନ୍ତରିକ ସାଧୁବାଦ ଜଣାଉଛି ।

ଶୁଭଶ୍ରୀ ଦାସ
(ଶୁଭଶ୍ରୀ ଦାସ)

# MESSAGE



**Mrs. Rashmita Mohanty**
District Social Welfare Officer
Cuttack

It gives me immense pleasure to learn that the Sakhi – One Stop Centre, Cuttack, is completing seven years of dedicated service on the occasion of International Women's Day, 8th March 2026. Over the years, the Centre, managed by the Institute for Social Development (ISD) in collaboration with the District Administration, Cuttack, has emerged as a vital support system for women affected by gender-based violence. By providing integrated services such as emergency response, counselling, legal aid, medical support, and rehabilitation assistance under one roof, the Centre has ensured timely and compassionate care for survivors during moments of crisis.

The consistent efforts of the team have not only helped address numerous critical cases but have also strengthened institutional mechanisms for women's safety and dignity in the district. The Centre stands as a testament to what coordinated action, sensitivity, and commitment can achieve in advancing women's rights and protection.

I congratulate the entire team of Sakhi – One Stop Centre and ISD for their unwavering dedication and impactful service. I extend my best wishes for continued success in the years ahead as they strive to build a safer and more equitable society for women.



**Mr. Vinit Agrawal,** IPS
Superintendent of Police (Rural)
Cuttack

It gives me great pleasure to acknowledge that, Sakhi – One Stop Centre will complete seven years of dedicated service on March 8th, 2026. Operating under the Ministry of Women and Child Development, Sakhi provides a vital integrated support system for women survivors of violence in both private and public spheres. Its commitment to excellence is evident in the comprehensive "under one roof" services provided – ranging from immediate rescue and medical assistance to legal aid and trauma counselling. By offering a safe haven and facilitating hassle-free police and court proceedings, the Centre has become a pillar of strength for those in need.

I extend my heartfelt gratitude to the members of Sakhi for their impactful work and unwavering dedication to driving positive change. I wish the entire team continued success in their noble service to society. With best wishes.



**Prof. (Dr.) Ajay Mishra**
Director cum Medical Superintendent
M.H.I (COE) SCBMCH, Cuttack

ମୁଁ ଜାଣି ଅତ୍ୟନ୍ତ ଆନନ୍ଦିତ ଯେ ସଖୀ- ଓ୍ୱାନ୍ ଷ୍ଟପ୍ ସେଣ୍ଟର, କଟକ ୮ ମାର୍ଚ୍ଚ ୨୦୨୬ରେ ଆନ୍ତର୍ଜାତୀୟ ମହିଳା ଦିବସ ପାଳନ ସହିତ ସାତ ବର୍ଷର ଉତ୍ସର୍ଗୀକୃତ ସେବା ପୂରଣ କରୁଛି ।

ସଖୀ – ଓ୍ୱାନ୍ ଷ୍ଟପ୍ ସେଣ୍ଟର ହିଂସା ଦ୍ୱାରା ପ୍ରଭାବିତ ମହିଳାମାନଙ୍କୁ ସମନ୍ୱିତ ସହାୟତା ସେବା ପ୍ରଦାନ, ଗୋଟିଏ ଛାତ ତଳେ ଚିକିତ୍ସା ସେବା, ମନସ୍ତାତ୍ତ୍ୱିକ ପରାମର୍ଶ, ଆଇନଗତ ସହାୟତା ଏବଂ ପୁନର୍ବାସ ସୁନିଶ୍ଚିତ କରିବାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଆସୁଛି । ମାନସିକ ସ୍ୱାସ୍ଥ୍ୟ ପ୍ରତିଷ୍ଠାନ ଏସ୍.ସି.ବି. ମେଡିକାଲ କଲେଜ ଏବଂ ହସ୍ପିଟାଲ, କଟକ ପରିସରରେ ଏହି କେନ୍ଦ୍ରର କାର୍ଯ୍ୟକ୍ଷମତା ପୀଡ଼ିତାଙ୍କ ପାଇଁ ସମୟୋଚିତ ହସ୍ତକ୍ଷେପ, ସାମଗ୍ରିକ ମର୍ଯ୍ୟାଦା, ସୁରକ୍ଷା ଏବଂ ଅଧିକାର ସୁଦୃଢ଼ ହୋଇପାରିଛି ।

ମହିଳା ସ୍ୱେଚ୍ଛାସେବୀ ଅନୁଷ୍ଠାନ ଆଇ.ଏସ୍.ଡି., ଜିଲ୍ଲା ପ୍ରଶାସନ, କଟକ ଏବଂ ସଖୀ – ଓ୍ୱାନ୍ ଷ୍ଟପ୍ ସେଣ୍ଟର ସହିତ ଜଡ଼ିତ ସମସ୍ତ ଅଂଶୀଦାରଙ୍କ ପ୍ରତିବଦ୍ଧ ପ୍ରୟାସକୁ ମୁଁ କରୁଣା ଏବଂ ବୃତ୍ତିଗତତାର ସହିତ ସମ୍ବେଦନଶୀଳ ଏବଂ ଜଟିଳ ମାମଲାଗୁଡ଼ିକର ସମାଧାନ କରିବାରେ ସେମାନଙ୍କର ନିରନ୍ତର ଉତ୍ସର୍ଗ ଏବଂ ସହଯୋଗପୂର୍ଣ୍ଣ ଆଭିମୁଖ୍ୟ ପାଇଁ ପ୍ରଶଂସା କରୁଛି । ଏହି ଗୁରୁତ୍ୱପୂର୍ଣ୍ଣ ସଫଳତା ପାଇଁ, ମୁଁ ସମଗ୍ର ସଖୀ ଦଳକୁ ମୋର ଶୁଭକାମନା ଜଣାଉଛି ଏବଂ ଆଶା କରୁଛି ଯେ ଏହି କେନ୍ଦ୍ର ମହିଳାମାନଙ୍କୁ ସଶକ୍ତ କରିବା ଦିଗରେ ଆହୁରି ଉଚ୍ଚତା ଆରୋହଣ କରିବ ।

# MESSAGE



**Mr. Jagadish Chandra Jena**
Secretary
D.L.S.A., Cuttack

"I extend my warm greeting on the completion of Seven years service by Sakhi – One Stop Centre, Cuttack.

Sakhi – One Stop Centre has been playing a vital role in providing integrated Support Services to women affected by violence by ensuring access to medical care, legal assistance, police facilitation and psychosocial counselling under one roof. The Centre has significantly strengthened the response mechanism for women in distress and enhanced access to justice through a victim-centric approach.

The District Legal Services Authority, Cuttack remains committed to supporting Sakhi – One Stop Centre through legal aid, counselling and awareness initiatives, ensuring that every woman receives timely and effective legal support.

I appreciate the dedicated efforts of all stakeholders and partner institutions. I am confident that Sakhi- One Stop Centre, Cuttack will continue to serve as a reliable support system and a symbol of protection and justice for women."



**Prof. (Dr.) Goutam Ku. Satpathy**
M.S., (Orthopedics)
Professor of Orthopedics &
Medical Superintendent,
SCB MCH, Cuttack

I am glad to know that, SAKHI – One Stop Centre has been working at SCB Medical and Hospital in premises of Mental Health Institute (COE) since last seven years. I congratulate the team of SAKHI for providing essential services day and night to women's and girls. SAKHI's staff does not hesitate to solve their problems by giving them psycho-social counselling and other assistance like medical, police, legal and temporary shelter in any situation.

I expressed my gratitude towards the members of SAKHI for their immense contribution for women & girls in distress and wish them all success in their services to the society.



**Mr. Manas Ranjan Biswal**
Chairperson
Child Welfare Committee

ସାମ୍ପ୍ରତିକ ପରିସ୍ଥିତିରେ ସାଧାରଣତଃ ଘରୋଇ ହିଂସା, କର୍ମକ୍ଷେତ୍ରରେ ନିର୍ଯାତନା, ଅବମାନନା, ଶୋଷିତ ଓ ଯୌନପୀଡ଼ିତା ହୋଇ ଆସୁଥିବା ମହିଳା, ଅଠର ବର୍ଷରୁ କମ କିଶୋରୀ ଏବଂ ନିରାଶ୍ରିତା ବୃଦ୍ଧା, ଜିଲ୍ଲାର କୋଣ ଅନୁକୋଣରୁ ଉଦ୍ଧାର ହୋଇ ସାମୟିକ ଭାବେ 'ସଖୀ- ଓ୍ଵାନ୍ ଷ୍ଟପ ସେଣ୍ଟର'ରେ ଆଶ୍ରୟ ନେଇଥାନ୍ତି। ସେମାନେ ସାମଗ୍ରିକ ଭାବେ ମାନସିକ, ସ୍ୱାସ୍ଥ୍ୟଗତ, ସାମାଜିକ ଓ ଆଇନଗତ ସମସ୍ୟା ଦେଇ ଗତି କରୁଥାନ୍ତି। ସଖୀ – ଓ୍ଵାନ୍ ଷ୍ଟପ ସେଣ୍ଟରର ସମସ୍ତ କର୍ମୀମାନେ ମାନବ ସେବା ଓ ମାଧବ ସେବା ପ୍ରତି ଅନୁରକ୍ତ। ପରିଶେଷରେ 'ସଖୀ' ଏପରି ପରିସ୍ଥିତିରେ ପୀଡ଼ିତାମାନଙ୍କୁ ଆନୁଷ୍ଠାନିକ ଭାବେ ମାନସିକ, ସ୍ୱାସ୍ଥ୍ୟଗତ ଓ ଆଇନଗତ ସାହାଯ୍ୟ ଓ ସହଯୋଗ ପ୍ରଦାନ କରି ସମସ୍ତଙ୍କ ମନରେ ବଞ୍ଚିବା ଓ ଆଗକୁ ବଢ଼ିବାର ପ୍ରେରଣା ଯୋଗାଇ ଦେଇଛନ୍ତି।

ସେବା ଓ ଉତ୍ସର୍ଗର ୭ମ ବର୍ଷ ପୂର୍ତ୍ତି ଉପଲକ୍ଷେ ସଖୀ- ଓ୍ଵାନ୍ ଷ୍ଟପ ସେଣ୍ଟର ସମସ୍ତ କଲ୍ୟାଣକାରୀ କର୍ମକର୍ତ୍ତାଙ୍କ ଜୀବନ ସୁଖମୟ ଓ ନିରାମୟ ହେବା ସଙ୍ଗେ ସଙ୍ଗେ ରାଜ୍ୟ ତଥା ଦେଶରେ ଏହା ଏକ ଅଗ୍ରଣୀ ଅନୁଷ୍ଠାନ ରୂପେ ପ୍ରତିପାଦିତ ହେଉ ମା' ଭାରତୀଙ୍କ ନିକଟରେ ପ୍ରାର୍ଥନା । ବନ୍ଦେ ମାତରଂ, ବନ୍ଦେ ଉତ୍କଳ ଜନନୀ।

# MESSAGE



**Mrs. Y. Sobha**
Protection Officer
Cuttack

It gives me great pleasure to convey my heartfelt appreciation to the Sakhi – One Stop Centre, Cuttack for its dedicated service to women in need. During my visit, I observed the compassionate approach, timely assistance, and coordinated support provided to survivours of violence. The centre is playing a vital role in ensuring safety, dighely and justice for affected women.

I commend the entire team for their sincere efforts and commitment towards social welfare. I hope the centre continues to strengthen its services and reach more women in need in the coming years.

My best wishes to the Sakhi – One Stop Centre for its continued success and meaningful service to society.



**Mr. Umakanta Sahu**
IIC,Mangalabag PS
Cuttack

I am very happy and proud to note that **SAKHI – One Stop Centre** has been functioning at SCB Medical College and Hospital, within the Mental Health Institute, for the past seven years. I extend my heartfelt congratulations to all the staff members of SAKHI for their dedicated 24×7 service throughout these years.

I sincerely appreciate the commitment and compassion shown by the entire SAKHI team. I hope the Centre continues its noble work for the welfare of women and girls and grows further in the years ahead.



**Mr. Maheswar Behera**
IIC, Salepur PS

I am glad to know that, SAKHI - One Stop Centre has completed 7 years since its inaugurations on 8th March 2019. The team of SAKHI providing the essential services to the victims of violence under one roof.

On the proud occasion of completing seven remarkable years of dedicated service, I extend my heartfelt congratulations and sincere appreciation to the entire team



**Mr. Nilanchal Jena**
IIC, SCB, Medical OP
Cuttack

I am very happy to know that Sakhi-one stop centre is going to complete 7th years on 8th March 2026. Congratulations on this incredible journey & appreciate the sincerity, dedication & selfless work.7 years, 7 days a week, 24 hours a day-Sakhi has stood by Women & Children.Wish all success for this orginazation in the coming days.

# 7 Years at a Glance

| Year ( March to Feb ) | Month wise Case Registration Status | | | | | | | | | | | | Total |
|---|---|---|---|---|---|---|---|---|---|---|---|---|---|
| | March | April | May | June | July | Aug | Sept | Oct | Nov | Dec | Jan | Feb | |
| **2019-2020** | 05 | 09 | 15 | 15 | 15 | 16 | 13 | 21 | 16 | 18 | 18 | 15 | **176** |
| **2020-2021** | 14 | 12 | 26 | 18 | 13 | 24 | 28 | 11 | 14 | 16 | 17 | 12 | **205** |
| **2021-2022** | 27 | 19 | 14 | 13 | 28 | 23 | 14 | 17 | 17 | 18 | 12 | 17 | **219** |
| **2022-2023** | 23 | 19 | 26 | 25 | 22 | 16 | 17 | 20 | 20 | 24 | 31 | 14 | **257** |
| **2023-2024** | 33 | 21 | 17 | 15 | 28 | 18 | 18 | 25 | 14 | 15 | 17 | 23 | **244** |
| **2024-2025** | 19 | 22 | 28 | 25 | 27 | 28 | 30 | 16 | 33 | 21 | 17 | 16 | **282** |
| **2025-2026** | 24 | 21 | 21 | 39 | 41 | 36 | 30 | 43 | 31 | 39 | 38 | 32 | **395** |
| Total | **145** | **123** | **147** | **150** | **174** | **161** | **150** | **153** | **145** | **151** | **150** | **129** | **1778** |

| Year ( March to Feb ) | Month wise Case Resolved Status | | | | | | | | | | | | Total |
|---|---|---|---|---|---|---|---|---|---|---|---|---|---|
| | March | April | May | June | July | Aug | Sept | Oct | Nov | Dec | Jan | Feb | |
| **2019-2020** | 05 | 08 | 15 | 08 | 11 | 13 | 12 | 10 | 12 | 14 | 14 | 12 | **134** |
| **2020-2021** | 08 | 07 | 12 | 08 | 06 | 15 | 19 | 08 | 11 | 10 | 13 | 09 | **126** |
| **2021-2022** | 16 | 12 | 09 | 08 | 16 | 18 | 09 | 08 | 10 | 15 | 08 | 10 | **139** |
| **2022-2023** | 19 | 13 | 21 | 19 | 18 | 13 | 14 | 15 | 14 | 12 | 15 | 09 | **182** |
| **2023-2024** | 20 | 11 | 09 | 11 | 13 | 12 | 07 | 17 | 08 | 07 | 10 | 12 | **137** |
| **2024-2025** | 13 | 12 | 13 | 13 | 11 | 09 | 10 | 10 | 12 | 05 | 09 | 07 | **124** |
| **2025-2026** | 08 | 05 | 12 | 13 | 11 | 15 | 10 | 13 | 11 | 12 | 10 | 10 | **130** |
| Total | **81** | **63** | **79** | **67** | **75** | **80** | **71** | **68** | **67** | **63** | **69** | **59** | **972** |

## Type of Cases Registered

| Year ( March to Feb ) | Domestic Violence | Rape | Sexual Offence / Sexual Harassment | Acid Attack | Trafficking of Women | Child sexual abuse | Child Marriage | Missing/ kidnapping/ abduction | Cyber Crime | Dowry Harassment/ Death | Any other crime | Total |
|---|---|---|---|---|---|---|---|---|---|---|---|---|
| 2019-2020 | 150 | 06 | 06 | – | – | – | – | 01 | 01 | – | 12 | **176** |
| 2020-2021 | 161 | 02 | 02 | – | – | – | – | 03 | – | 01 | 36 | **205** |
| 2021-2022 | 163 | 09 | – | – | – | – | – | 14 | – | 01 | 32 | **219** |
| 2022-2023 | 183 | 04 | 03 | 01 | – | – | 01 | 14 | 01 | 01 | 49 | **257** |
| 2023-2024 | 178 | 04 | 03 | – | – | – | – | 15 | 01 | – | 43 | **244** |
| 2024-2025 | 193 | 14 | 02 | – | 02 | 02 | – | 26 | 01 | – | 42 | **282** |
| 2025-2026 | 275 | 06 | – | 04 | – | 02 | – | 31 | 01 | – | 76 | **395** |
| Total | **1303** | **45** | **16** | **05** | **02** | **04** | **01** | **105** | **05** | **03** | **290** | 1778 |

# ଏ ବର୍ଷ ପଞ୍ଜିକୃତ ହୋଇଥିବା ଅଭିଯୋଗ ସମ୍ବନ୍ଧୀୟ ପରିସଂଖ୍ୟାନ

**(ମାର୍ଚ୍ଚ ୨୦୨୫ ଠାରୁ ଫେବୃୟାରୀ ୨୦୨୬ ପର୍ଯ୍ୟନ୍ତ)**

ମହିଳାମାନଙ୍କ ଉପରେ ହେଉଥିବା ହିଂସା ବା ନିର୍ଯ୍ୟାତନାକୁ ରୋକିବା ସଙ୍ଗେ ସଙ୍ଗେ ନିର୍ଯ୍ୟାତିତା ମହିଳାମାନଙ୍କୁ ସହଯୋଗର ହାତ ବଢ଼ାଇବା ନିମନ୍ତେ କେନ୍ଦ୍ର ଓ  ରାଜ୍ୟ ସରକାରଙ୍କ ସଖୀ - ୱାନ୍ ଷ୍ଟପ୍ ସେଣ୍ଟର ଏକ ବିଶେଷ ପଦକ୍ଷେପ। ଏହା ଏକ ଏକକ ସହାୟତା କେନ୍ଦ୍ର ଓ ନିର୍ଯ୍ୟାତିତା ମହିଳାମାନଙ୍କ ନିମନ୍ତେ ୨୪ଘଣ୍ଟିଆ କାମ କରିଥାଏ। ନିର୍ଯ୍ୟାତିତା ମହିଳାମାନଙ୍କୁ ଠିକ୍ ସମୟରେ ଉପଯୁକ୍ତ ପରାମର୍ଶ ଦେବା ସହିତ ତା'ର ସମସ୍ୟାକୁ ଉପଯୁକ୍ତ ଭାବେ ଗ୍ରହଣ କରି ତାକୁ ନ୍ୟାୟ ଦେବାରେ ଏହି କେନ୍ଦ୍ର ଏକ ପ୍ରମୁଖଭୂମିକା ଗ୍ରହଣ କରିଛି। ନିମ୍ନରେ ଏ ବର୍ଷରେ 'ସଖୀ' କେନ୍ଦ୍ରରେ ପଞ୍ଜିକୃତ ହୋଇଥିବା ଅଭିଯୋଗ ସମ୍ବନ୍ଧୀୟ ପରିସଂଖ୍ୟାନ ଦିଆଗଲା।

**୧.** ସମୁଦାୟ ପଞ୍ଜିକୃତ ହୋଇଥିବା ଅଭିଯୋଗ ସଂଖ୍ୟା

| ମାସର ନାମ | ପଞ୍ଜିକୃତ ଅଭିଯୋଗ |
|---|---|
| ମାର୍ଚ୍ଚ | ୨୪ |
| ଏପ୍ରିଲ | ୨୧ |
| ମଇ | ୨୧ |
| ଜୁନ | ୩୯ |
| ଜୁଲାଇ | ୪୧ |
| ଅଗଷ୍ଟ | ୩୬ |
| ସେପ୍ଟେମ୍ବର | ୩୦ |
| ଅକ୍ଟୋବର | ୪୩ |
| ନଭେମ୍ବର | ୩୧ |
| ଡିସେମ୍ବର | ୩୯ |
| ଜାନୁଆରୀ | ୩୮ |
| ଫେବୃୟାରୀ | ୩୨ |
| **ସମୁଦାୟ** | **୩୯୫** |




**୨.** ପରାମର୍ଶ ମାଧ୍ୟମରେ ସମାଧାନ ହୋଇଥିବା ଅଭିଯୋଗ ସଂଖ୍ୟା

| ମାର୍ଚ୍ଚ | ଏପ୍ରିଲ | ମଇ | ଜୁନ | ଜୁଲାଇ | ଅଗଷ୍ଟ |
|---|---|---|---|---|---|
| ୦୮ | ୦୫ | ୧୨ | ୧୩ | ୧୧ | ୧୫ |

| ସେପ୍ଟେମ୍ବର | ଅକ୍ଟୋବର | ନଭେମ୍ବର | ଡିସେମ୍ବର | ଜାନୁୟାରୀ | ଫେବୃୟାରୀ |
|---|---|---|---|---|---|
| ୧୦ | ୧୩ | ୧୧ | ୧୨ | ୧୦ | ୧୦ |



୩. ବିଭିନ୍ନ ପ୍ରକାରର ହିଂସାରେ ପୀଡ଼ିତା ମହିଳାମାନେ ସେମାନଙ୍କ ଅଭିଯୋଗ ନେଇ ଆସିଥାନ୍ତି । ନିମ୍ନରେ ହିଂସାର ପ୍ରକାର ସମ୍ବନ୍ଧୀୟ ପରିସଂଖ୍ୟାନ ଦିଆଗଲା ।

| ହିଂସାର ପ୍ରକାର | ସଂଖ୍ୟା |
|---|---|
| ପାରିବାରିକ ହିଂସା | ୨୭୫ |
| ଦୁଷ୍କର୍ମ | ୦୬ |
| ଏସିଡ୍ ଆକ୍ରମଣ | ୦୪ |
| ଶିଶୁ ଯୌନ ନିର୍ଯ୍ୟାତନା | ୦୨ |
| ସାଇବର ଠକେଇ | ୦୧ |
| ଅପହରଣ ଏବଂ ନିରୁଦ୍ଦିଷ୍ଟ | ୩୧ |
| ଅନ୍ୟାନ୍ୟ | ୭୬ |




୪. ନିର୍ଯ୍ୟାତିତା ମହିଳାଟି ଯେତେବେଳେ ସେ ତା'ର ଅଭିଯୋଗ ନେଇ ସଖୀ କେନ୍ଦ୍ରକୁ ଆସିଥାଏ ତାକୁ ତୁରନ୍ତ ମନସ୍ତାତ୍ତ୍ୱିକ ଓ ସାମାଜିକ ପରାମର୍ଶ ଯୋଗାଇଦେବା ସଙ୍ଗେ ଅଭିଯୋଗଟିର ଶୁଣାଣୀକରି ସେ ଚାହୁଁଥିବା ସହାୟତା ମାନ ଯୋଗାଇ ଦିଆଯାଇଥାଏ । ଏହି ବର୍ଷ ଯୋଗାଇ ଦିଆଯାଇଥିବା ବିଭିନ୍ନ ସହାୟତା ସମ୍ବନ୍ଧୀୟ ପରିସଂଖ୍ୟାନ ର ସଂଖ୍ୟା ନିମ୍ନରେ ଦିଆଯାଇଛି ।

| ସହଯୋଗର ନାମ | ସଂଖ୍ୟା |
|---|---|
| ଆଇନଗତ ସହାୟତା | ୮୩ |
| ଡାକ୍ତରୀ ଚିକିତ୍ସା ସମ୍ବନ୍ଧୀୟ ସୁବିଧା | ୮୦ |
| ପୋଲିସ ସହାୟତା | ୯୯ |
| ମନସ୍ତାତ୍ତ୍ୱିକ ଓ ସାମାଜିକ ପରାମର୍ଶ | ୩୯୫ |
| ଶକ୍ତିସଦନ ଗୃହରେ ରହିବାର ବ୍ୟବସ୍ଥା | ୭୩ |
| ଅନ୍ୟାନ୍ୟ | ୩୨ |




୫. ସମସ୍ତଙ୍କର ଧାରଣା ଯେ, କମ୍ ଶିକ୍ଷାଗତ ଯୋଗ୍ୟତା ଥିବା ମହିଳାମାନେ ଅଧିକାଂଶ କ୍ଷେତ୍ରରେ ନିର୍ଯ୍ୟାତନାର ଶିକାର ହୋଇଥାନ୍ତି କିନ୍ତୁ ଏଠାରେ ଦେଖାଯାଇଛି ଯେ ଶିକ୍ଷାଗତ ଯୋଗ୍ୟତା ଥାଇ ମଧ୍ୟ ମହିଳାମାନେ ନିର୍ଯ୍ୟାତନାର ଶିକାର ହେଉଛନ୍ତି । ସେହି ବର୍ଗରୁ କେତେଜଣ ମହିଳା ସେମାନଙ୍କର ଅଭିଯୋଗ ନେଇ ଆସିଛନ୍ତି ସେ ସମ୍ବନ୍ଧୀୟ ପରିସଂଖ୍ୟାନ ନିମ୍ନରେ ଦିଆଗଲା ।

| ଯୋଗ୍ୟତା | ସଂଖ୍ୟା |
|---|---|
| କିଛି ପଢି ଲେଖି ଜାଣି ନାହାଁନ୍ତି | ୨୦ |
| କେବଳ ଦସ୍ତଖତ ଜାଣନ୍ତି | ୧୨ |
| ପ୍ରାଥମିକ | ୫୧ |
| ମାଧ୍ୟମିକ | ୧୪୪ |
| ଇଣ୍ଟର ମିଡିଏଟ୍ | ୬୬ |
| ସ୍ନାତକ | ୭୫ |
| ସ୍ନାତକୋତ୍ତର | ୨୧ |
| ବୃତ୍ତିଗତ ପେଷା | ୦୬ |

| ବର୍ଗ | ସଂଖ୍ୟା |
|---|---|
| ସାଧାରଣ | ୧୬୯ |
| ଓ.ବି.ସି | ୧୦୭ |
| ଅନୁସୂଚିତ ଜାତି | ୭୭ |
| ଅନୁସୂଚିତ ଜନଜାତି | ୧୧ |
| ଖ୍ରୀଷ୍ଟିୟାନ | ୦୬ |
| ମୁସ୍‌ଲିମ | ୨୫ |

୬. ଏହି କେନ୍ଦ୍ରକୁ ଅଭିଯୋଗ ନେଇ ଆସୁଥିବା ଅନେକ ମହିଳା ବିଭିନ୍ନ ମାଧ୍ୟମରେ ଆସିଥାନ୍ତି । ମୋଟ ଆସିଥିବା ୩୯୫ ଜଣ ମହିଳାଙ୍କ ମଧ୍ୟରୁ କିଏ କାହା ମାଧ୍ୟମରେ ବା କେଉଁମାନେ ଏହି ମହିଳାମାନଙ୍କୁ ଏଠାକୁ ପଠାଇଥିବାରେ ସାହାଯ୍ୟ କରିଛନ୍ତି ନିମ୍ନରେ ତା'ର ଏକ ପରିସଂଖ୍ୟାନ ଦିଆଗଲା –

| ମହିଳାମାନଙ୍କୁ ପଠାଇ ଥିବା ସଂସ୍ଥାର ନାମ | ସଂଖ୍ୟା |
|---|---|
| ପୋଲିସ୍ | ୯୪ |
| ସ୍ୱେଚ୍ଛାସେବୀ ଅନୁଷ୍ଠାନ / ସାମାଜିକ କର୍ମୀ | ୧୯ |
| ୧୮୧ ମହିଳା ହେଲ୍ପଲାଇନ୍ | ୧୦୦ |
| ସୁରକ୍ଷା ଅଧିକାରୀ | ୦୨ |
| ଅନ୍ୟ ଜିଲ୍ଲା ୱାନ୍‌ଷ୍ଟପ୍ ସେଣ୍ଟର | ୦୫ |
| ଡାକ୍ତର | ୦୮ |
| ଗଣମାଧ୍ୟମ | ୦୯ |
| ମହିଳାଟି ନିଜେ ଆସିଛି | ୧୪୩ |
| ପୂର୍ବ ପୀଡ଼ିତା | ୦୩ |
| ଅନ୍ୟ (ଓକିଲ, ପି.ଏଲ୍.ଭି., ପାରିତୋଷ, ଇତ୍ୟାଦି) | ୧୨ |




୭. ନିମ୍ନରେ କେଉଁ ବୟସର କେତେ ଜଣ ସେମାନଙ୍କର ଅଭିଯୋଗ ପଞ୍ଜୀକୃତ କରିଛନ୍ତି ତାହାର ତଥ୍ୟ ଦିଆଗଲା ।

| ବୟସ | ସଂଖ୍ୟା |
|---|---|
| ୧୮ରୁ କମ୍ ବୟସ | ୪୪ |
| ୧୯ରୁ ୩୫ ବର୍ଷ ମଧ୍ୟରେ | ୨୨୯ |
| ୩୬ରୁ ୬୦ବର୍ଷ ମଧ୍ୟରେ | ୧୧୦ |
| ୬୦ ବର୍ଷରୁ ଅଧିକ | ୧୨ |




ଅଭିଯୋଗ ନେଇ ଆସୁଥିବା ମହିଳାଙ୍କୁ ସବୁପ୍ରକାର ସହାୟତା ସଖୀ ତରଫରୁ ଯୋଗାଇ ଦିଆଯାଇଥାଏ । ଗୃହ ପରିଦର୍ଶନ ମାଧ୍ୟମରେ ସଖୀରେ କାର୍ଯ୍ୟରତ କେସ୍ ୱାର୍କରମାନେ ଉଭୟପକ୍ଷର ଜଡିତ ବ୍ୟକ୍ତିବିଶେଷଙ୍କୁ ଅନୁଧ୍ୟାନ କରିପାରନ୍ତି । ସମସ୍ୟାର ସମାଧାନ ପରେ ମହିଳାଟି କିପରି ଅଛି ତା ପରିବାରର ଲୋକମାନଙ୍କର ତା ପ୍ରତିଥିବା ବ୍ୟବହାର କିଭଳି ପରିବର୍ତ୍ତନ ହୋଇଛି ଏସବୁ ଅନୁଧ୍ୟାନ କରିବାପାଇଁ କେସ୍ ୱାର୍କରମାନଙ୍କୁ ମହିଳାଟିର ଘରକୁ ଯିବାକୁ ପଡିଥାଏ । ଗୃହ ପରିଦର୍ଶନ ବେଳେ ସ୍ଥାନୀୟ ପୋଲିସ୍, ୱାର୍ଡମେମ୍ବର ବା ସେହି ଅଞ୍ଚଳର ବିଶିଷ୍ଟ ବ୍ୟକ୍ତି ବିଶେଷଙ୍କୁ ସାମିଲ କରାଯାଇଥାଏ ।

# ମତାମତ

**'ସଖୀ' କେନ୍ଦ୍ରରେ ପଞ୍ଜିକୃତ ହୋଇଥିବା ଅନେକ ଅଭିଯୋଗ ମଧ୍ୟରୁ କିଛି ଅଭିଯୋଗର ଆପୋଷ ବୁଝାମଣା ମାଧ୍ୟମରେ ସମାଧାନ ହୋଇପାରିଛି । ନିମ୍ନରେ କେତେକ ଯୋଡ଼ି ହୋଇଥିବା ପରିବାରର ମତାମତ ଦିଆଗଲା । ମତାମତଗୁଡ଼ିକ ସେମାନଙ୍କର ନିଜସ୍ୱ ।**



**ପୁଷ୍ପା ମହାପାତ୍ର ଓ ତାଙ୍କ ପରିବାର**

ମୁଁ ପୁଷ୍ପା ମହାପାତ୍ର, ମୋର ବୟସ ୨୪ ବର୍ଷ । ମୁଁ ଓଡ଼ିଆ ବଜାର ଗଉଡ଼ ସାହିରେ ରହେ । ବାପାଙ୍କ ସ୍ୱଳ୍ପରୋଜଗାର ଯୋଗୁଁ ମୋ ପାଠପଢ଼ାରେ ଡୋରି ବନ୍ଧାହେଲା । ବହୁତ କଷ୍ଟରେ ବି.ଏ. ପର୍ଯ୍ୟନ୍ତ ପଢ଼ିଲି । ତା'ପରେ କ'ଣ କରିବି ବୋଲି ଭାବି ଭାବି ଗୋଟିଏ ଲେଡିଜ୍ କର୍ଣ୍ଣରରେ ରହିଲି । ଯାହାହେଉ ଖୁବ୍ କମ୍‌ଟଙ୍କାରେ ନିଜ ଖର୍ଚ୍ଚ ପାଇଁ ସୁଯୋଗ ମିଳିଗଲା । ନିଜେ ରୋଜଗାର କରିବା ମୋ ପାଇଁ ଏକ ସ୍ୱର୍ଗସୁଖ ଭଳି ଅନୁଭବ ହେଉଥାଏ । ମୁଁ ଏହିଭଳି ପ୍ରତିଦିନ ଲେଡିଜ୍ କର୍ଣ୍ଣରକୁ ଯାଏ ତା' ଭିତରେ ଯିବାଆସିବା ସମୟରେ ତପନ ସେଠୀ ନାମକ ଏକ ଯୁବକ ସହ ପରିଚୟ ହୋଇଥିଲା । ଆମେ ଦୁହେଁ ପରସ୍ପର ସହ ଗପସପ ହେବା ଆରମ୍ଭ କରିଦେଇଥିଲୁ । ଏହିଭଳି ୩ ବର୍ଷ ପର୍ଯ୍ୟନ୍ତ ଆମର ସଂପର୍କ ଗଢ଼ିଉଠିଲା । ଏହାପରେ ଉଭୟ ପରିବାର ଲୋକମାନେ ଆମ ବିଷୟରେ ଜାଣିପାରିଲେ । ଆମେ ଏହି ସଂପର୍କକୁ ଆଗେଇନେଇ ବାହାହେବା ପାଇଁ ସ୍ଥିର କରିଲୁ । ଏହିଭଳି ୩ ବର୍ଷ ବିତିଗଲା । ଯେତେବେଳେ ବିଭାଘର ପାଇଁ କଥାବାର୍ତ୍ତା ଆରମ୍ଭ କରିବା ପାଇଁ ଯୋଜନା ହେଲା । ସେହି ସମୟରେ ମୋର ମା' ଅରାଜି ହେଲେନାହିଁ । ସେ ଭାବୁଥିଲେ ପୁଅ ଘର ଛୋଟ ଜାତି, ସେଥିପାଇଁ ପୁଅଘରକୁ ବିଭିନ୍ନ ପ୍ରକାର କୁଭାଷା କହି ଖରାପ ବ୍ୟବହାର କରୁଥିଲେ । ମୋ'ର ମା'ଙ୍କ ବ୍ୟବହାରରେ ତପନ ବହୁତ ମନଦୁଃଖ କରୁଥିଲେ । ସେ ମଧ୍ୟ ଏହି କାରଣ ପାଇଁ ବାହା ନ ହେବା ପାଇଁ ଅରାଜି ହେଉଥିଲେ । ଏହିସବୁ ପରିସ୍ଥିତି ମୋତେ ବହୁତ କଷ୍ଟ ଦେଉଥାଏ । କ'ଣ କରିବି ବୋଲି କିଛି ଭାବି ପାରୁନଥିଲି । ଶେଷରେ କିଛି ପରାମର୍ଶ ପାଇଁ ପୁରୀଘାଟ ପୋଲିସ୍‌ଙ୍କ ସହାୟତାରେ 'ସଖୀ' କେନ୍ଦ୍ରକୁ ଯୋଗାଯୋଗ କରିଲି । ସେଠାରେ ସେମାନେ ମୋତେ ଏବଂ ତପନର ପରିବାରଙ୍କୁ ଡକାଇଲେ । 'ସଖୀ' କେନ୍ଦ୍ରରେ ସାମାଜିକ ଓ ମନସ୍ତାତ୍ତ୍ୱିକ ପରାମର୍ଶଦାତ୍ରୀ ଉଭୟ ପରିବାରଙ୍କୁ ବହୁତବାର ବୁଝାଇଲେ । ଶେଷରେ ମୋର ମା' ଘଟଣାଟି ବୁଝିପାରିଲେ । ସେ ଖରାପ ବ୍ୟବହାର ନ କରିବା ପାଇଁ ସ୍ଥିର କଲେ । ଉଭୟ ପରିବାରଙ୍କ ସହମତି କ୍ରମେ ଏବଂ ସଫଳ ସାମାଜିକ ମନସ୍ତାତ୍ତ୍ୱିକ ପରାମର୍ଶ ପାଇଁ ଆମ ଦୁହିଁଙ୍କର ସଂପର୍କ ପୁଣି ନୂଆ ରୂପ ନେଲା । ସେଠାରେ ସମସ୍ତଙ୍କ ଆଶୀର୍ବାଦ ନେଇ ଖୁସିରେ ସଂସାର କରିବାକୁ ସ୍ଥିର କରିଲୁ । ସେଥିପାଇଁ ଆମେମାନେ ସଖୀ କେନ୍ଦ୍ରକୁ ଧନ୍ୟବାଦ ଅର୍ପଣ କରି ସେଠାରୁ ବିଦାୟ ନେଲୁ ।



**ସଗୁପ୍ତା ପରବିନ୍ ଓ ତାଙ୍କ ପରିବାର**

ମୁଁ ସଗୁପ୍ତା ପରବିନ୍, ମୋର ବୟସ ୩୦ ବର୍ଷ, ମୋର ଘର କଟକର ତୁଳସୀପୁରରେ । ବାପଘର, ଶାଶୂଘର ଜୋବ୍ରା ଚାରିଘରିଆରେ ଅବସ୍ଥିତ । ମୋ ବାପାଙ୍କ ନାମ ୮ ନଶିମ୍ ଖାନ୍ । ସେ ଆରପାରିକୁ ଚାଲିଯାଇଛନ୍ତି । ମା ମୋର ଜଣେ ଗୃହିଣୀ । ମୁଁ ତାଙ୍କର ଏକମାତ୍ର ଝିଅ ହୋଇଥିବାରୁ ମୋତେ ବହୁ ଗେଲବସରରେ ଲାଳନ ପାଳନ କରିଥିଲେ । ବାପାଙ୍କର ଦେହାନ୍ତ ପରେ ମା' ମୋତେ ବହୁ ଦୁଃଖକଷ୍ଟରେ ପାଠପଢ଼ାଇ ମଣିଷ କରିଛନ୍ତି । ତା'ପରେ ମୋତେ ସେମାନେ ମହମ୍ମଦ ସଲ୍‌ମାନ୍ ନାମକ ଏକ ମୁସ୍‌ଲିମ୍ ଜାତିର ଯୁବକ ସହିତ ରୀତିନୀତି ଅନୁସାରେ ବିବାହ ଦେଇଥିଲେ । ମୁଁ ହାଇକୋର୍ଟରେ ଟାଇପିଷ୍ଟ ଭାବେ ଚାକିରି କରେ ।

ବିବାହ କିଛିଦିନ ବେଶ୍ ଭଲରେ ଆମ ସଂସାର ଚାଲିଥିଲା । ତା' ଭିତରେ ମୋର ପୁଅଟିଏ ହେଲା । ଏହିଭଳି ସମୟ ବିତିଗଲା । ପୁଅ ମୋର ୨ବର୍ଷର ହୋଇଗଲା । ମୁଁ ଯେହେତୁ ଚାକିରି କରିଥିଲି ବାହାରେ, ଯାହା ସହ କଥାବାର୍ତ୍ତା ହେଲେ, ମୋର ସ୍ୱାମୀଙ୍କର ସନ୍ଦେହ ହୋଇଥାଏ । ହଠାତ୍ ତାଙ୍କର ଏହିଭଳି ଆଚରଣରେ ପରିବର୍ତ୍ତନ ମୋର ମନକୁ ବହୁତ ଆନ୍ଦୋଳିତ କରୁଥାଏ । ଆହୁରି ମଧ୍ୟ ସେ କଥାକଥାକେ ମୋତେ ମାରଧର କରନ୍ତି । ଏପରିକି ଶାଶୁଶ୍ୱଶୁରଙ୍କର ମଧ୍ୟ ସହଯୋଗ ନଥିଲା । ଏସବୁ ପରିସ୍ଥିତି ନେଇ ମୁଁ ପ୍ରାୟତଃ ମୋର ବାପଘରକୁ ପଳେଇ ଆସୁଥିଲି । ମୁଁ ସର୍ବଦା ମାନସିକ ଅଶାନ୍ତି ଭିତରେ ରହିଥାଏ । ମୁଁ ସ୍ଥିର କଲି ଯେ ଏହାର କିଛି ସ୍ଥାୟୀ ସମାଧାନ କରିବା ପାଇଁ । ତା'ପରେ ମହିଳା ହେଲ୍‌ପ୍ ଲାଇନ୍ ସହଯୋଗରେ 'ସଖି' କେନ୍ଦ୍ର ବିଷୟରେ ଜାଣିବାକୁ ପାଇଲି । ଖୁବ୍ ଶୀଘ୍ର ସମୟ ବାହାର କରି ସଖିକେନ୍ଦ୍ରକୁ ଆସିଲି । ସେଠାରେ ମୋର ଅଭିଯୋଗର ଦରଖାସ୍ତ ଦେଲି । ତା'ପରେ ସେଠାରେ ଆମ ପରିବାର ତଥା ମୋ ଶ୍ୱଶୁରଘରର ପରିବାର ଏବଂ ସ୍ୱାମୀଙ୍କୁ ଡକାଇଲେ । ସେଠାରେ ଥିବା ସାମାଜିକ ଓ ମନସ୍ତାତ୍ତ୍ୱିକ ପରାମର୍ଶଦାତ୍ରୀ ଆମ ଉଭୟ ପରିବାରର ସମସ୍ତ ସଦସ୍ୟଙ୍କ ସହ କଥାବାର୍ତ୍ତା କରି ବୁଝାସୁଝା କରିଲେ । ସେଠାରେ ତାଙ୍କ ସଫଳ ପରାମର୍ଶ ଦ୍ୱାରା ଆମେ ନିଜ ଭୁଲ୍ ବୁଝିପାରି ପୁଣି ନୂତନ ସଂସାର ଗଢ଼ିବା ପାଇଁ ଆଗେଇଲୁ । ସଖୀ କେନ୍ଦ୍ରର ସମସ୍ତ କର୍ମକର୍ତ୍ତାଙ୍କ ଦ୍ୱାରା ସଫଳ ପରାମର୍ଶ ପାଇଁ ଆମେ ଜୀବନକୁ ଖୁସିରେ ଆଗେଇନେବା ପାଇଁ ପ୍ରତିଶ୍ରୁତିବଦ୍ଧ ହେଲୁ । ଆମ ତରଫରୁ ସଖୀକେନ୍ଦ୍ରକୁ ଅଶେଷ ଧନ୍ୟବାଦ ଅର୍ପଣ କରୁଛୁ ଆମର ଭାଙ୍ଗିଯାଇଥିବା ସୁନାର ସଂସାରକୁ ନୂତନ ରୂପ ଦେଇଥିବାରୁ ।

## ମତାମତ


ପୂଜା ନାୟକ ଓ ତାଙ୍କ ପରିବାର

ମୁଁ ପୂଜା ନାୟକ। ଆଜିକୁ ୩ ବର୍ଷ ପୂର୍ବେ ମୋର ବିବାହ ଗଞ୍ଜାମ ଛତ୍ରପୁର ନିବାସୀ କାଳିଆ ନାୟକଙ୍କ ସହିତ ହୋଇଥିଲା। ସ୍ୱଭାବରେ ମୋ ସ୍ୱାମୀ ଜଣେ ଶାନ୍ତ ଓ ପରୋପକାରୀ ହୋଇଥିଲେ ମଧ୍ୟ କୁସଙ୍ଗରେ ପଡ଼ି ନିଶାପାଣି ଓ ମଦ୍ୟପାନ ଆରମ୍ଭ କରିଦେଇଥିଲେ। ନିଜର ସମସ୍ତ ରୋଜଗାର ଏହିପରି ଅପଚୟ କରି ଆସୁଥିଲେ। ଏହା ଭିତରେ ଆମେ ଦୁଇଟି ସନ୍ତାନର ମାତାପିତା ହେବା ପରେ ମଧ୍ୟ ତାଙ୍କ ସ୍ୱଭାବରେ କୌଣସି ପରିବର୍ତ୍ତନ ଆସୁନଥିଲା। ଘରେ ଅଶାନ୍ତି, ଝଗଡ଼ା, ମାର୍‌ପିଟ୍ ଏକ ନିତିଦିନିଆ ଅଭ୍ୟାସରେ ପରିବର୍ତ୍ତନ ହୋଇଯାଇଥିଲା। ଏହି ଅଶାନ୍ତିର ପ୍ରଭାବ ମୋ ପିଲାମାନଙ୍କ ଉପରେ ପଡୁଥିଲା। ପରିବାର ଲୋକଙ୍କର ବାରମ୍ବାର ବୁଝାଇବା ସତ୍ତ୍ୱେ ତାଙ୍କର ଏହି ଅଭ୍ୟାସ ବଦଳି ନଥିଲା। ଦିନକୁ ଦିନ ଘରେ ଆର୍ଥିକ ଅନାଟନ ବଢ଼ି ବଢ଼ି ଚାଲିଥିଲା। ଏ ସବୁଠୁ ଅତିଷ୍ଠ ହୋଇ ମୁଁ ପିଲା ଛୁଆଙ୍କୁ ଧରି ମୋ ବାପଘର କଟକ ଚାଲି ଆସିଥିଲି। ମୁଁ ଆସିବାର କିଛିଦିନ ପରେ ସ୍ୱାମୀ ମଧ୍ୟ ଏଠାକୁ ଆସି ମୋତେ ଏବଂ ମୋ ପିଲାମାନଙ୍କୁ ଫେରାଇ ନେବାକୁ ଜିଦି କରୁଥିଲେ। ପରିସ୍ଥିତି ଏପରି ହେଲା ଯେ ମୁଁ ତା'ଙ୍କ ସଙ୍ଗେ ନଯିବାରୁ ମୋ ସ୍ୱାମୀ ମୋ ବାପଘରେ ରହିବାକୁ ଲାଗିଲେ। ଏଠାରେ ମଧ୍ୟ ସ୍ଥାନୀୟ ଲୋକଙ୍କ ସହ ମିଶି ମଦ୍ୟପାନ କରିବା ଆରମ୍ଭ କରିଦେଇଥିଲେ। ବହୁତ ବୁଝାଶୁଝା ପରେ ତାଙ୍କର କୌଣସି ପରିବର୍ତ୍ତନ କିମ୍ବା ରୋଜଗାର କରିବାର ଆଗ୍ରହ ନଥିଲା। ବାପ ଘର ଲୋକ ସ୍ଥାନୀୟ ଅଙ୍ଗନୱାଡ଼ି ଠାରୁ ସଖୀ କେନ୍ଦ୍ର ବାବଦରେ ଜାଣିବାକୁ ପାଇ ଏହାର ସାହାଯ୍ୟ ଲୋଡ଼ିଥିଲେ। ସଖୀ କେନ୍ଦ୍ରର କର୍ମକର୍ତ୍ତାମାନେ ମୋତେ ଡାକି ମୋର ସମସ୍ତ ସମସ୍ୟାକୁ ଶୁଣିବା ସହ ମୋତେ ମନସ୍ତାତ୍ତ୍ୱିକ ପରାମର୍ଶ ଦେଇଥିଲେ। ଏହାପରେ ପର୍ଯ୍ୟାୟ ଅନୁଯାୟୀ ମୋର ସ୍ୱାମୀ ଓ ମୋ ପରିବାର ଲୋକଙ୍କ ଉପସ୍ଥିତିରେ ବାରମ୍ବାର ବିଚାରବିମର୍ଷ କରାଯାଇଥିଲା। ଏଠାରେ ସଖୀ କେନ୍ଦ୍ରର ପରାମର୍ଶଦାତ୍ରୀ ଏବଂ ଆଇନ୍‌ଜୀବିଙ୍କ ଉପସ୍ଥିତିରେ ଏକ ଆପୋଷ ବୁଝାମଣା ଚୁକ୍ତିନାମା ସ୍ୱାକ୍ଷର କରାଯାଇଥିଲା। ଏହା ପରଠାରୁ ଆମେମାନେ ଏକାଠି ରହିଥିଲୁ ଏବଂ ମୋ ସ୍ୱାମୀ ଏକ ବ୍ୟାଙ୍କ୍‌ରେ ଠିକା କର୍ମଚାରୀ ଭାବେ ଯୋଗ ଦେଇଥିଲେ। ସାଥୀର ବାରମ୍ବାର ତତ୍ତ୍ୱାବଧାନ ଏବଂ ପରାମର୍ଶ ଦ୍ୱାରା ବର୍ତ୍ତମାନ ମୁଁ ଏବଂ ମୋ ପରିବାର ଖୁସିରେ ଜୀବନ ଅତିବାହିତ କରୁଛୁ। ଏଥିପାଇଁ ମୁଁ ସଖୀକେନ୍ଦ୍ରକୁ ଆନ୍ତରିକ ଧନ୍ୟବାଦ ଜଣାଉଅଛି।


ଉର୍ମିଳା ପାରମାଣିକ ଓ ତାଙ୍କ ପରିବାର

ମୁଁ ଉର୍ମିଳା ପାରମାଣିକ। କିଶୋରଗଞ୍ଜ ତାଳଚେର ବାସିନ୍ଦା। ୨୦୧୭ ମସିହାରେ ବାପାମା'ଙ୍କ ସମ୍ମତି କ୍ରମେ ସାମାଜିକ ରୀତିନୀତିରେ ଯାନିଯୌତୁକ ଦେଇ ମୋର ବପା ମହେଶ୍ୱର ସାହୁ ମନୋଜ କୁମାରଙ୍କ ସହ ବିବାହ କରିଥିଲେ। ଯେହେତୁ ମୁଁ ବାପା ମା'ଙ୍କର ଗୋଟିଏ ଝିଅ। ପିଲାବେଲୁ ମୁଁ ବହୁତ ସ୍ନେହରେ ବଢ଼ି ଆସିଅଛି। ବିବାହ ପରେ ମୁଁ ସେହି ସ୍ନେହ ମମତା, ମୋ ଶାଶୁ ଶ୍ୱଶୁର ସ୍ୱାମୀଙ୍କଠାରୁ ପାଇଥିଲି। ଏବଂ ମୁଁ ମୋ ସ୍ୱାମୀଙ୍କ ସହିତ ମୋ ଶଶୁର ଘରେ ଖୁସିରେ ରହୁଥିଲି। ବିବାହର ଏକ ବର୍ଷ ପରେ ଆମର ଏକ ପୁତ୍ର ସନ୍ତାନ ଜାତ ହୋଇଥିଲା। ଧିରେଧିରେ ଆମେ ଜାଣିବାକୁ ପାଇଲୁ କି ସେ ସାଧାରଣ ଛୁଆଙ୍କ ଠାରୁ ଟିକେ ଭିନ୍ନ ଥିଲା। ଏହି କଥାକୁ ନେଇ ଆମେ ଦୁଇଜଣ ଦୁଶ୍ଚିନ୍ତାରେ ରହୁଥିଲୁ। ଏବଂ ଏହା ମଧ୍ୟରେ ମୁଁ ମୋର ସ୍ୱାମୀଙ୍କର ପ୍ରଥମ ବିବାହ କଥା ଜାଣିପାରିଥିଲି। ଯେଉଁକଥାକୁ ନେଇ ଆମ ଭିତରେ ନିତିଦିନିଆ କଳିଝଗଡ଼ା ହେଉଥିଲା। ସେ ଅଫିସ୍ ବିଳମ୍ବରେ ଆସିବା ଆରମ୍ଭକରି ଦେଇଥିଲେ। ତାଙ୍କ ବ୍ୟବହାର ମୋ ପ୍ରତି ବଦଳି ଯାଇଥିଲା। ପ୍ରତିକଥାରେ ମୋ ଉପରେ ଚିଡ଼ଚିଡ଼୍ ହେବାକୁ ଲାଗିଥିଲେ। ଏହିପରି ବ୍ୟବହାରରୁ ମୋତେ ସନ୍ଦେହ ହେଲା। କାଳେ ତାଙ୍କର ଅନ୍ୟ ଝିଅ ସହ ସମ୍ପର୍କ ଥାଇପାରେ। ଦିନଥିଲା ଯେତେବେଳେ ମୋ ପାଇଁ ମୋ ଘରର ଚାରିକାନ୍ଥ ଏକ ଜେଲ୍ ଭଳି ଲାଗୁଥିଲା। ପରସ୍ପର ପ୍ରତି ଅବିଶ୍ୱାସ, ନିତିଦିନିଆ କଳି ଝଗଡ଼ା ମୋତେ ମାନସିକ ସ୍ତରରେ ଭାଙ୍ଗି ଦେଇଥିଲା। ଯାହାଦ୍ୱାରା ମୋର ଚିକିତ୍ସା ପାଇଁ ମୋ ସ୍ୱାମୀ ମୋତେ ଏସ୍.ସି.ବି. ମେଡିକାଲ୍ କଲେଜର ମାନସିକ ବିଭାଗରେ ଚିକିତ୍ସିତ କରାଇଥିଲେ। ଏଠାରେ ରହିବା ପରେ ମୁଁ ଧୀରେ ଧୀରେ ଔଷଧ ଖାଇବା ଦ୍ୱାରା ମୋର ଅବସ୍ଥାରେ ସ୍ୱାଭାବିକ ପରିବର୍ତ୍ତନ ଦେଖା ଦେଇଥିଲା। ମୋର ମାନସିକ ସ୍ଥିତିବିକୃତ ଥିବା କଥା ମୋ ବାପାଙ୍କୁ ଠିକ୍ ଲାଗିନଥିଲା। ଯେଉଁ କଥାକୁ ନେଇ ମୋ ବାପା ଓ ସ୍ୱାମୀ ମଧ୍ୟରେ ବିବାଦ ଉପୁଜିଥିଲା। ମୋର ଏହିପରି ମାନସିକ ରୋଗକୁ ସେ ଗ୍ରହଣ କରି ନଥିଲେ। କାରଣ ତାଙ୍କ କହିବା ଅନୁଯାୟୀ ମୁଁ ବିବାହ ପୂର୍ବରୁ ବହୁତ ଚାଲକ ଓ ଚତୁର ଥିଲି ଏବଂ କିଛି ଛୁଆଙ୍କୁ ପାଠ ପଢ଼ାଇବା ସହିତ କମ୍ପ୍ୟୁଟର ଶିକ୍ଷା ଦେଉଥିଲି। ମୁଁ ମଧ୍ୟ +୨ ପର୍ଯ୍ୟନ୍ତ ସୁସ୍ଥ ମାନସିକ ଅବସ୍ଥାରେ ଶିକ୍ଷା ଗ୍ରହଣ କରିଥିଲି। ବିବାହ ପର୍ଯ୍ୟନ୍ତ ମୋର କିଛି ବି ମାନସିକ ରୋଗ ନଥିଲା। ହଠାତ୍ ମୋର ଏହି ମାନସିକ ବିକୃତିକୁ ସେ ଗ୍ରହଣ କରିନଥିଲେ। ମୋ ବାପା ମୋ ସ୍ୱାମୀକୁ ମୋର ଏହି ଅବସ୍ଥା ପାଇଁ ଦାୟୀ କରିଥିଲେ। ଯାହାଦ୍ୱାରା ସେ ରାଗିଯାଇ ମୋତେ ଡାକ୍ତରଖାନାରେ ଛାଡ଼ିଦେବା ପାଇଁ ମୋ ବାପାଙ୍କୁ ଧମକ ଦେଉଥିଲେ। ଏହା ପରେ ମୋ ବାପା ଡରିଯାଇ ସଖୀ କେନ୍ଦ୍ର ସହିତ ଯୋଗାଯୋଗ କରିଥିଲେ। ସଖୀ କେନ୍ଦ୍ରର କର୍ମକର୍ତ୍ତାମାନେ ମୋତେ ମାନସିକ ବିଭାଗରେ ଆସି ଦେଖା କରିଥିଲେ। ମୋ ସ୍ୱାମୀଙ୍କୁ ମନସ୍ତାତ୍ତ୍ୱିକ ପରାମର୍ଶ ପାଇଁ ସଖୀ କେନ୍ଦ୍ରକୁ ଡକାଯାଇଥିଲା। ଅନେକ ବୁଝାସୁଝା ପରେ ସେ ନିଜର ଭୁଲ୍ ବୁଝିପାରିଥିଲେ ଏବଂ ମୋ ବାପାଙ୍କୁ କ୍ଷମା ମାଗିଥିଲେ। ଏହାପରେ ସେ ପରାମର୍ଶଦାତ୍ରୀ ଏବଂ କିଛି ବୟୋଜ୍ୟେଷ୍ଠ ବ୍ୟକ୍ତିଙ୍କ ସାମ୍ନାରେ ମୋର ସମସ୍ତ ଦାୟିତ୍ୱ ପୂର୍ବ ପରି ଗ୍ରହଣ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏବେ ମୁଁ ମୋ ପାରିବାରିକ ଜୀବନରେ ମୋ ସ୍ୱାମୀ ଓ ସନ୍ତାନ ସହିତ ବହୁତ ଖୁସିରେ ଅଛି।

# ସଖି ତରଫରୁ ଆୟୋଜିତ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ















# ବିଭିନ୍ନ ଦିବସ ପାଳନ







Observation of Human Rights day








Observation of Yoga Day







Observation of 16 days of Activism

# GLIMPSES...



R. N Tagore College of Nursing Students



Ms. Kabita Das, Subha L Panda, Radio Sampark



Internship students from F M University, Balasore



Mrs. Prativa Satpathy, Member OSCW



Mr. Prassana Kumar Guru, Human Rights Defender



Mr. Ambika P Mohanty, President, Hey Bandhu



Mr. Ratan Meena, MWCD, New Delhi




Ms. Soumya Mahapatra & Mr. Ranjan Sethy, DWCD, Govt. Of Odisha



The Law College, Cuttack




ADVIKA Group



Maadhyam Club Members



Nursing Students, DRIEMS COLLEGE



Release of SAKHI Annual Report-2025 by Dr. Ipsita Priyadarshini Mishra, OAS, Additional District Magistrate Cuttack









Celebration of 6th Foundation Day of SAKHI



Dr. Shruti Mahapatra, Founder, Swabhiman



Mr. Girija Chakravarty, ACP, Cuttack



Dr. Ipsita Priyadarshini Mishra, ADM

Visitors

*For more information contact*

**SAKHI - ONE STOP CENTER**
3rd Floor, Mental Health Institute (MHI) (COE)
SCB Medical College & Hospital, Cuttack
Ph. : 0671-2410141, 9124712347
Email : osccuttack@gmail.com, onestopcentercuttack

*Institute for Social Development*
Plot No.-95 Phase-II, Kanan Vihar
P.O.-Patia, Bhubaneswar-751031, Odisha, India
Ph: + 91-674-2726756, Mob. : 9437018141
E-mail: isd_bbsr@rediffmail.com, to@isdbbsr.org, Web: www.isdbbsr.org